# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**27 September - 2024**

News Editor : *Itishree Singh Rathaur*

# ମେକ୍ ଇନ୍ ଓଡ଼ିଶା ୧୦ବର୍ଷ

କେନ୍ଦ୍ର ସରକାରଙ୍କର ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମକୁ ଆଜି ଦଶବର୍ଷ ପୂରଣ ହୋଇଛି । ପ୍ରଯୁକ୍ତି ଆଧାରିତ ଷ୍ଟାର୍ଟଅପ୍ ଇକୋସିଷ୍ଟମ କ୍ଷେତ୍ରରେ ଭାରତ ବିଶ୍ୱର ତୃତୀୟ ସ୍ଥାନ ହାସଲ କରିଛି । ଭାରତରେ ପ୍ରସ୍ତୁତ ଅତ୍ୟାଧୁନିକ ରେଳଡବା ସହିତ ଦେଶର ପ୍ରଥମ ସ୍ୱଦେଶୀ ଟ୍ରେନ୍ ବନ୍ଦେ ଭାରତ ଚଳାଚଳ କରୁଛି ।  ମହାକାଶ କ୍ଷେତ୍ରଠାରୁ ଆରମ୍ଭ କରି ସେମିକଣ୍ଡକ୍ଟର ଏବଂ ଇଲେକ୍ଟ୍ରିକ୍ ଯାନ ପ୍ରସ୍ତୁତି ପର୍ଯ୍ୟନ୍ତ, ସରକାରଙ୍କର ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମ ବାସ୍ତବ ରୂପ ନେଇଛି । ପ୍ରଗତିର ନୂତନ ସୂର୍ଯ୍ୟୋଦୟ ଏବଂ ୨୦୩୬ ମସିହା ସୁଦ୍ଧା ଓଡ଼ିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ରାଜ୍ୟ ସରକାରଙ୍କ ମେକ୍ଇନ୍  ଓଡ଼ିଶା କନ୍‌କ୍ଲେଭ ୨୦୨୫ର ଲୋଗ୍‌କୁ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉନ୍ମୋଚନ କରିବେ ।

# ଜିଲ୍ଲାପାଳ ସମ୍ମିଳନୀ

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ମୂଳକ ଯୋଜନା ଗୁଡ଼ିକର କାର୍ଯ୍ୟକାରିତାକୁ ନେଇ ଆଜି ଭୁବନେଶ୍ୱରଠାରେ  ଜିଲ୍ଲାପାଳମାନଙ୍କର ଦୁଇଦିନିଆ ସମ୍ମିଳନୀ ଆରମ୍ଭ ହେବ । ସମ୍ମିଳନୀକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବେ । ରାଜ୍ୟର ବିକାଶକୁ ତ୍ୱରାନ୍ୱିତ କରିବା ନେଇ ସମ୍ମିଳନୀରେ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରାଯିବ । ଆସନ୍ତାକାଲି ଦ୍ୱିତୀୟ

ଦିନରେ ଆଇନଶୃଙ୍ଖଳା ପରିସ୍ଥିତିର ସମୀକ୍ଷା ଏବଂ ଆଇନଶୃଙ୍ଖଳାକୁ ପ୍ରାଧାନ୍ୟ ଦେବା ନେଇ ଜିଲ୍ଲା ଆରକ୍ଷୀ ଅଧିକ୍ଷକମାନଙ୍କ ସହ ମୁଖ୍ୟମନ୍ତ୍ରୀ ଆଲୋଚନା କରିବେ ।

## ନର୍ସିଂ କର୍ମଚାରୀ ଆନ୍ଦୋଳନ

ଓଡ଼ିଶା ନର୍ସିଂ କର୍ମଚାରୀ ସଂଘର ଦାବି ଉପରେ ସରକାର ଅନୁଧ୍ୟାନ କରିବା ପାଇଁ ଏକ ଆନ୍ତଃ ବିଭାଗୀୟ କମିଟି ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନର୍ସିଂ କର୍ମଚାରୀଙ୍କର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆନ୍ଦୋଳନକାରୀ ନର୍ସିଂ କର୍ମଚାରୀମାନେ ଆନ୍ଦୋଳନରୁ ଓହରି ତୁରନ୍ତ କାର୍ଯ୍ୟରେ ଯୋଗଦେବା ପାଇଁ ସରକାରଙ୍କ ପକ୍ଷରୁ ଅନୁରୋଧ କରାଯାଇଛି ।

## ଛାତ୍ରଛାତ୍ରୀ-ରାସନ

ଶାରୀରିକ ଅକ୍ଷମ କିମ୍ବା ସ୍ୱାସ୍ଥ୍ୟଗତ ସମସ୍ୟା ପାଇଁ ବିଦ୍ୟାଳୟକୁ ଆସିପାରୁନଥିବା ୬ରୁ ୧୪ ବର୍ଷ ବୟସର ଛାତ୍ରଛାତ୍ରୀମାନଙ୍କୁ ଚିହ୍ନଟ କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କୁ କୁହାଯାଇଛି । ଛାତ୍ରଛାତ୍ରୀମାନଙ୍କର ପାଠପଢ଼ା ଏବଂ ପୋଷଣରେ କୌଣସି ଅସୁବିଧା ନ ହେବା ପାଇଁ ଚିଠିରେ ଉଲ୍ଲେଖ କରାଯାଇଛି । ସ୍ୱାସ୍ଥ୍ୟଗତ କାରଣରୁ ବିଦ୍ୟାଳୟକୁ ଆସିପାରୁନଥିବା ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ଘରେ ରାସନ ସାମଗ୍ରୀ  ସହିତ ପାଠ୍ୟ ଉପକରଣ ଯୋଗାଇଦେବା ପାଇଁ ଗଣଶିକ୍ଷା ବିଭାଗ ପକ୍ଷରୁ ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କୁ କୁହାଯାଇଛି ।

# ପୁରସ୍କାର

ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ବୈଷୟିକ ବିଭାଗର ଅନୁମୋଦନ କ୍ରମେ ଓଡ଼ିଶା ବିଜ୍ଞାନ ଏକାଡେମୀ ପକ୍ଷରୁ ୫ଟି ବର୍ଗରେ ୧୬ଜଣ ବୈଜ୍ଞାନିକଙ୍କୁ ପୁରସ୍କୃତ କରାଯିବ । ବୈଜ୍ଞାନିକ ଓ ଉତ୍କର୍ଷ ପାଇଁ ବିଜୁ ପଟ୍ଟନାୟକ ପୁରସ୍କାର, ଜୀବ ବିଜ୍ଞାନ କ୍ଷେତ୍ରରେ ସଫଳତା ପାଇଁ ସାମନ୍ତ ଚନ୍ଦ୍ରଶେଖର ପୁରସ୍କାର, ଯୁବବୈଜ୍ଞାନିକ ପୁରସ୍କାର ଏବଂ ପ୍ରାଣକୃଷ୍ଣ ପରିଜା ବିଜ୍ଞାନ ପୁରସ୍କାର ଦିଆଯିବ ।

# ପ୍ରସବ କାଳୀନ ଛୁଟି

ସରୋଗେସୀ କିମ୍ବା ଉଦ୍ଧାର ମାତୃତ୍ୱ ଲାଭ କରୁଥିବା ସରକାରୀ କର୍ମଚାରୀମାନଙ୍କୁ ୬ ମାସ ମାତୃତ୍ୱ ଛୁଟି ମିଳିବ । ପୁରୁଷ କର୍ମଚାରୀମାନଙ୍କୁ ମଧ୍ୟ ୧୫ ଦିନ ପିତୃତ୍ୱ ଛୁଟି ମିଳିବା ନେଇ ଅର୍ଥ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି । ପୂର୍ବରୁ ସାଧାରଣ ମାତୃତ୍ୱ କ୍ଷେତ୍ରରେ ମହିଳା କର୍ମଚାରୀମାନଙ୍କୁ ୬ ମାସ ପର୍ଯ୍ୟନ୍ତ ମାତୃତ୍ୱ ଛୁଟି ମିଳୁଥିଲା । କେନ୍ଦ୍ର ସରକାର ଗତ ଜୁନ୍ ମାସରେ ସରୋଗେସୀ ମାତୃତ୍ୱ ଏବଂ ପିତୃତ୍ୱକୁ ଛୁଟି ଘୋଷଣା କରିବା ପରେ ରାଜ୍ୟ ସରକାର ଅନୁରୂପ ପଦକ୍ଷେପ ନେଇଛନ୍ତି । ନିୟମ ଅନୁସାରେ ଜଣେ ମହିଳା କର୍ମଚାରୀଙ୍କର ଦୁଇରୁ କମ୍ ଜୀବିତ ସନ୍ତାନ ଥାଇ ସରୋଗେଟ୍ ମାତୃତ୍ୱ ଲାଭ କରିବା କ୍ଷେତ୍ରରେ ୧୮୦ ଦିନର ମାତୃତ୍ୱ ଛୁଟି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇପାରିବେ ।

# ଓଏଏସ୍ ଅଧିକାରୀ ଅଦଳବଦଳ

ରାଜ୍ୟ ସରକାର ୫୯ ଜଣ ଓଡ଼ିଶା ସେବା ପ୍ରଶାସନିକ ଅଧିକାରୀ- ଓଏଏସ୍ ଙ୍କୁ ଅଦଳବଦଳ କରିଛନ୍ତି । ୧୩ ଜଣ ବରିଷ୍ଠ ଓଡ଼ିଶା ଓଏଏସ୍‌ଙ୍କୁ ଅନ୍ୟ ବିଭାଗକୁ ବଦଳି କରାଯାଇଛି । ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ୩ ଜଣ ଓଏଏସ୍ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଛି । ସେହିଭଳି ୪୬ ଜଣ ବିଡ଼ିଓଙ୍କୁ ଅନ୍ୟ ବ୍ଲକକୁ ବଦଳି କରାଯାଇଛି । ସାଧାରଣ ପ୍ରଶାସନ ବିଭାଗରୁ ଏହି ନୂଆ ନିଯୁକ୍ତି ସଂପର୍କିତ ବିଜ୍ଞପ୍ତି ଗତକାଲି ପ୍ରକାଶ ପାଇଛି ।

---

# ପର୍ଯ୍ୟଟନ ଦିବସ

**ପର୍ଯ୍ୟଟନ ଏବଂ ଶାନ୍ତିର ବାର୍ତ୍ତା** ନେଇ ଆଜି ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ କରାଯାଉଛି । ପର୍ଯ୍ୟଟନ ସହ ସଂଶ୍ଲିଷ୍ଟ ଥିବା ପର୍ଯ୍ୟଟକ, କର୍ମଚାରୀ ତଥା କାର୍ଯ୍ୟାଳୟ ଏବଂ ଅନ୍ୟାନ୍ୟ ସଂସ୍ଥାଗୁଡ଼ିକ ଏହି ଦିବସକୁ ପାଳନ କରୁଛନ୍ତି। । ୧୯୮୦ ମସିହାଠାରୁ ଜାତିସଂଘ ବିଶ୍ୱ ପର୍ଯ୍ୟଟନ ସଂଗଠନ ପକ୍ଷରୁ ଆଜିର ଦିନକୁ ବିଶ୍ୱବ୍ୟାପୀ ପାଳନ କରାଯାଇଆସୁଛି। ପର୍ଯ୍ୟଟନର ବିକାଶ ପାଇଁ ସବୁଜ ନିବେଶ ଏକ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛି । ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ପର୍ଯ୍ୟଟନ ବିଭାଗ ପକ୍ଷରୁ ବିଭିନ୍ନ ପର୍ଯ୍ୟଟନ ସମ୍ବନ୍ଧିତ ସଚେତନତାମୂଳକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଛି । ଦେଶର ଅର୍ଥନୀତିକୁ ସୁଦୃଢ଼ କରାଇବା ଏବଂ ପର୍ଯ୍ୟଟନ କ୍ଷେତ୍ରକୁ ବିଶ୍ୱସ୍ତରରେ ପରିଚିତ କରିବା ପାଇଁ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ପର୍ଯ୍ୟଟନ ସାଂସ୍କୃତିକ ଆଦାନ ପ୍ରଦାନ

ଏବଂ ଲୋକମାନଙ୍କ ମଧ୍ୟରେ ସଂପର୍କ ବଢ଼ାଇବା କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ।

## ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ରାଜ୍ୟରେ  ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି। ପାଣିପାଗ ବିଭାଗର ସୂଚନା ଅନୁସାରେ ଆଜିଠାରୁ ବର୍ଷାର ପରିମାଣ କମିବ । ରାଜ୍ୟରେ ଚଳିତ ମୌସୁମୀ ଋତୁରେ ଜୁନ୍ ପହିଲାଠାରୁ ବର୍ତ୍ତମାନ ସୁଦ୍ଧା ୭ ପ୍ରତିଶତ ନିଅଣ୍ଟିଆ ବର୍ଷା ହୋଇଛି । ସ୍ୱାଭାବିକ ବର୍ଷା ୧ ହଜାର ୧୨୫ ଦଶମିକ ୭ ମିଲିମିଟର ତୁଳନାରେ ଗତକାଲି ସୁଦ୍ଧା ୧ ହଜାର ୫୧ ଦଶମିକ ୧ ମିଲିମିଟର ବର୍ଷା ହୋଇଛି । ପୁରୀ ଓ ଭଦ୍ରକ ସମେତ ୮ଟି ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଥିବା ସୂଚନା ମିଳିଛି । ୨୧ଟି ଜିଲ୍ଲାରେ ସ୍ୱାଭାବିକ ବର୍ଷା ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହୋଇଥିବା ପାଣିପାଗ ବିଭାଗ ସୂଚନାରୁ ଜଣାପଡ଼ିଛି ।  ଅନ୍ୟପକ୍ଷରେ ଆସନ୍ତା ମାସ ୬ ତାରିଖ ବେଳକୁ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି ।

........................................................................